# NATIONAL NEWS BULLETIN (ODIA)

## 22nd February - 2026

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ମେରଟର ଶତାବ୍ଦୀ ନଗରରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଲୋକାର୍ପଣ କରିବେ ପ୍ରଧାନମନ୍ତ୍ରୀ ।

- ଔଷଧ ଓ ଚିକିତ୍ସା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ନେଇ ଭାରତ-ବ୍ରାଜିଲ୍ ମଧ୍ୟରେ ବୁଝାମଣା ।

— ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟ ୩୦ ବିଲିୟନ୍ ଡଲାରକୁ ବୃଦ୍ଧି ଲକ୍ଷ୍ୟ ।

- ଆକାଶବାଣୀର ମନ୍ କୀ ବାତ୍‌ରେ ଆଜି ପୂର୍ବାହ୍ନ ୧୧ଟାରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ ମୋଦି ।

- ଶୁଳ୍କ ବୃଦ୍ଧି ସମ୍ପର୍କିତ ନିର୍ଦ୍ଦେଶନାମାକୁ ନ୍ୟାୟାଳୟ ନିରସ୍ତ କରିବା ପରେ ବିଶ୍ୱ ଶୁଳ୍କ ହାରକୁ ୧୫ ପ୍ରତିଶତକୁ ବୃଦ୍ଧିକଲେ ରାଷ୍ଟ୍ରପତି ଡୋନାଲ୍‌ଡ୍ ଟ୍ରମ୍ପ୍ ।

ଏବଂ

- ଆଇ.ସି.ସି. ଟି.-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଆଜି ସୁପର୍ ଏଇଟ୍ ଅଭିଯାନ ଆରମ୍ଭ କରିବ ଭାରତ ।

# ପି.ଏମ୍. - ମେରଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅପରାହ୍ନରେ ମେରଟର ଶତାବ୍ଦୀ ନଗର ନମୋ ଭାରତ ଷ୍ଟେସନରେ ମେରଟ ମେଟ୍ରୋ ଏବଂ ନମୋ ଭାରତ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିବେ। ସେ ମେରଟ ଦକ୍ଷିଣ ଷ୍ଟେସନ ପର୍ଯ୍ୟନ୍ତ ମେଟ୍ରୋରେ ଯାତ୍ରା କରିବେ। ପରେ ଶ୍ରୀ ମୋଦୀ ମେରଟରେ ପ୍ରାୟ ୧୨ ହଜାର ୯୩୦ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦଘାଟନ ଏବଂ ଉତ୍ସର୍ଗ କରିବେ। ଏହି ଅବସରରେ ସେ ଏକ ସମାବେଶକୁ ମଧ୍ୟ ସମ୍ବୋଧନ କରିବେ।

ପ୍ରଧାନମନ୍ତ୍ରୀ ମୋଦୀ ୮୨ କିଲୋମିଟର ଦୀର୍ଘ ଦିଲ୍ଲୀ-ମେରଟ ନମୋ ଭାରତ କରିଡରକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ। ପ୍ରଥମ ନମୋ ଭାରତ ଆଞ୍ଚଳିକ ଦ୍ରୁତ ପରିବହନ ପ୍ରଣାଳୀର ଅବଶିଷ୍ଟ ଅଂଶଗୁଡ଼ିକ ମଧ୍ୟ ପ୍ରଧାନମନ୍ତ୍ରୀ ଉଦଘାଟନ କରିବେ। ସେଗୁଡ଼ିକ ମଧ୍ୟରେ ଦିଲ୍ଲୀର ସରାଇ କାଲେ ଖାନ ଏବଂ ନ୍ୟୁ ଅଶୋକ ନଗର ମଧ୍ୟରେ ୫ କିଲୋମିଟର ସେକ୍ସନ ଏବଂ

ଉତ୍ତର ପ୍ରଦେଶର ମେରଟ ଦକ୍ଷିଣ ଏବଂ ମୋଦିପୁରମ ମଧ୍ୟରେ ୨୧ କିଲୋମିଟର ସେକ୍ସନ ଅନ୍ତର୍ଭୁକ୍ତ।

ଘଣ୍ଟା ପ୍ରତି ୧୮୦ କିଲୋମିଟର ଗତି ସହିତ, ନମୋ ଭାରତ ହେଉଛି ଭାରତର ପ୍ରଥମ ଆଞ୍ଚଳିକ ଦ୍ରୁତ ପରିବହନ ପ୍ରଣାଳୀ। ଏହା ସାହିବାବାଦ, ଗାଜିଆବାଦ, ମୋଦିନଗର ଏବଂ ମେରଟ ଭଳି ପ୍ରମୁଖ ସହରାଞ୍ଚଳଗୁଡ଼ିକୁ ଦ୍ରୁତ ଗତିରେ ଦିଲ୍ଲୀ ସହ ସଂଯୋଗ କରିବ। ଶ୍ରୀ ମୋଦି ମେରଟ ଦକ୍ଷିଣ ଏବଂ ମୋଦିପୁରମ ମଧ୍ୟରେ ମେରଟ ମେଟ୍ରୋ ସେବାର ମଧ୍ୟ ଉଦଘାଟନ କରିବେ ।

## ଇଣ୍ଡୋ-ବ୍ରାଜିଲ୍ ଟ୍ରେଡ୍

୨୦୩୦ ସୁଦ୍ଧା ଭାରତ ଏବଂ ବ୍ରାଜିଲ ଦ୍ୱିପାକ୍ଷିକ ବାଣିଜ୍ୟକୁ ୩୦ ବିଲିୟନ ଡଲାରକୁ ବୃଦ୍ଧି କରିବା ଲାଗି ଲକ୍ଷ୍ୟ ରଖିଛନ୍ତି । ପୂର୍ବରୁ ଉଭୟ ପକ୍ଷର ବାଣିଜ୍ୟିକ ସହଭାଗିତା ଲକ୍ଷ ୨୦ ବିଲିୟନ ଡଲାର ଥିଲା। ବୈଦେଶିକ ମନ୍ତ୍ରଣାଳୟର ସଚିବ ପି. କୁମାରନ ସୂଚନା କହିଛନ୍ତି, ବ୍ରାଜିଲ ରାଷ୍ଟ୍ରପତଙ୍କ ଭାରତ ଗସ୍ତ ସମୟରେ ଏହି ନିଷ୍ପତ୍ତି ନିଆଯାଇଛି । ବ୍ରାଜିଲ ରାଷ୍ଟ୍ରପତିଙ୍କ ଭାରତ ଗସ୍ତ ସମ୍ପର୍କରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ କୁମାରନ’ ଶ୍ରୀ ସିଲଭା ନୂତନ ଲକ୍ଷ୍ୟ ପ୍ରସ୍ତାବ ଦେଇଥିବା କହିଛନ୍ତି । ଦୁଇ ଦେଶ’ ତୈଳ, ଗ୍ୟାସ ଏବଂ ନବୀକରଣୀୟ

ଶକ୍ତି, ବ୍ରାଜିଲର ଉପଗ୍ରହ ଉତ୍କ୍ଷେପଣ ଏବଂ ମିଳିତ ଉପଗ୍ରହ ନିର୍ମାଣ, ଜୈବ ଓ ସ୍ଥାୟୀ ବିମାନ ଇନ୍ଧନ, କୃଷି, ପଶୁପାଳନ ଏବଂ ସ୍ୱାସ୍ଥ୍ୟସେବା, ଏବଂ ଯୋଗ ସମେତ ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବାକୁ ଚାହୁଁଛନ୍ତି। ଏହି ପଦକ୍ଷେପ ଭାରତ-ବ୍ରାଜିଲ ସମ୍ପର୍କକୁ ଆହୁରି ମଜବୁତ କରିବା ସହ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି।

## ଇଣ୍ଡିଆ-ବ୍ରାଜିଲ୍ ଏମ୍.ଓ.ୟୁ.

ଔଷଧ ଏବଂ ଚିକିତ୍ସା ଉତ୍ପାଦର ନିୟନ୍ତ୍ରଣ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ସୁଦୃଢ଼ କରିବା ପାଇଁ ଭାରତ ଏବଂ ବ୍ରାଜିଲ ଏକ ବୁଝାମଣାପତ୍ର ଆଦାନ ପ୍ରଦାନ କରିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଉଭୟ ଦେଶ ମଧ୍ୟରେ ସମନ୍ୱୟକୁ ପ୍ରୋତ୍ସାହିତ କରିବା, ନିୟାମକ ବ୍ୟବସ୍ଥାର ପାରସ୍ପରିକ ବୁଝାମଣାକୁ ବୃଦ୍ଧି କରିବା ଏବଂ ଚିକିତ୍ସା ଉତ୍ପାଦର ପ୍ରଭାବଶାଳୀ ଓ ସମନ୍ୱିତ ତଦାରଖକୁ ସହଜ କରିବା ପାଇଁ ଭାରତର କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଂଗଠନ ଏବଂ ବ୍ରାଜିଲର ସ୍ୱାସ୍ଥ୍ୟ ନିୟାମକ ସଂସ୍ଥା ମଧ୍ୟରେ ଏହି ବୁଝାମଣାପତ୍ର ଆଦାନ ପ୍ରଦାନ କରାଯାଇଛି। ବ୍ରାଜିଲରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଦିନେଶ ଭାଟିଆ ଏବଂ ଅନ୍ୱିଶାର ନିର୍ଦ୍ଦେଶକ ତଥା ସଭାପତି ଲିଆଣ୍ଡ୍ରୋ ସାଫାଟ୍‌ଲେ’ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବ୍ରାଜିଲର ରାଷ୍ଟ୍ରପତି ଲୁଇଜ୍ ଇନାସିୟ ଲୁଲା ଦା ସିଲ୍‌ଭାଙ୍କ ଉପସ୍ଥିତିରେ

ନୂଆଦିଲ୍ଲୀରେ ଏହି ବୁଝାମଣାପତ୍ର ଆଦାନ ପ୍ରଦାନ କରିଛନ୍ତି। ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଏହି ବୁଝାମଣାପତ୍ର ଆଦାନ ପ୍ରଦାନ ଭାରତ ଏବଂ ବ୍ରାଜିଲର ଜନସଂଖ୍ୟା ପାଇଁ ନିରାପଦ, ପ୍ରଭାବଶାଳୀ ଏବଂ ଗୁଣାତ୍ମକ ଔଷଧ ଓ ଚିକିତ୍ସା ଉତ୍ପାଦର ଉପଲବ୍ଧତାକୁ ସୁନିଶ୍ଚିତ କରିବ ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ । ଏହା ମନ୍ କୀ ବାତ୍‌ର ୧୩୧ତମ ସଂସ୍କରଣ ହେବ । କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ ।

ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ସିଧା ପ୍ରସାରଣ ହେବ । ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ । ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣି ଥରେ ରାତି ୮ଟାରେ ପ୍ରସାରଣ କରାଯିବ ।

## ଟ୍ରମ୍ପ୍ - ଟାରିଫ୍

ଶୁଳ୍କ ବୃଦ୍ଧି ସମ୍ପର୍କିତ ନିର୍ଦ୍ଦେଶନାମାକୁ ଆମେରିକା ସୁପ୍ରିମ୍‌କୋର୍ଟ ନିରସ୍ତ କରିବା ପରେ ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ବିଶ୍ୱ ଶୁଳ୍କକୁ ୧୦ ପ୍ରତିଶତରୁ ୧୫ ପ୍ରତିଶତକୁ ବୃଦ୍ଧି କରିଛନ୍ତି। ଆମେରିକାକର ସୁପ୍ରିମ୍‌କୋର୍ଟ ରାଷ୍ଟ୍ରପତି ଡୋନାଲ୍‌ଡ୍ ଟ୍ରମ୍ପ୍‌ଙ୍କ ପୂର୍ବ ନିଷ୍ପତ୍ତିକୁ ଖାରଜ କରିବା ସହ ଏହା ଆନ୍ତର୍ଜାତୀୟ ଜରୁରୀକାଳୀନ ଅର୍ଥନୈତିକ ଶକ୍ତି ଆଇନର ଅପବ୍ୟବହାର ବୋଲି କହିଥିଲେ । କୋର୍ଟଙ୍କ ନିର୍ଦ୍ଦେଶ ପରେ ଶ୍ରୀ ଟ୍ରମ୍ପ ୧୦ ପ୍ରତିଶତ ନୂତନ ଶୁଳ୍କ ଘୋଷଣା କରିଥିଲେ । ସେ କହିଥିଲେ, ପ୍ରମୁଖ ଜାତୀୟ ସୁରକ୍ଷା ଏବଂ ବାଣିଜ୍ୟ-ସମ୍ବନ୍ଧୀୟ ଶୁଳ୍କ ବିନାବାଧାରେ ଜାରି ରହିବ।

## ଛତିଶଗଡ଼

ଛତିଶଗଡ଼ରେ ଭୋଟର ତାଲିକାର ବ୍ୟାପକ ସଂଶୋଧନ ପରେ ନୂଆ ତାଲିକା ପ୍ରକାଶ ପାଇଛି । ସଂଶୋଧିତ ଭୋଟର ତାଲିକାରେ ୧ କୋଟି ୮୭ ଲକ୍ଷ ୩୦ ହଜାର ୯୧୪ ଜଣ ଭୋଟର ପଞ୍ଜିକୃତ ହୋଇଛନ୍ତି । ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ପରେ ଛତିଶଗଡ଼ରେ ଗତ ଅକ୍ଟୋବର ମାସ ୨୭ ତାରିଖରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା । ରାଜ୍ୟ ମୁଖ୍ୟ ନିର୍ବାଚନ

ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି, ସଂଶୋଧନ ପ୍ରକ୍ରିୟାରେ ପ୍ରାୟ ୨୫ ଲକ୍ଷ ଭୋଟର ବାଦ୍ ପଡ଼ିଛନ୍ତି । ଡ୍ରାଫ୍ଟ ତାଲିକା ପ୍ରକାଶ ପରେ ଆପତ୍ତି ଅଭିଯୋଗର ବିଚାର କରାଯାଇ ତାଲିକାରେ ପ୍ରାୟ ୨ ଲକ୍ଷ ୩୫ ହଜାର ଭୋଟରଙ୍କ ନାମ ଅନ୍ତର୍ଭୁକ୍ତ କରାଯାଇଛି । ତାଲିକାରୁ ବାଦ୍ ପଡ଼ିଥିବା କିମ୍ବା ତଥ୍ୟ ତ୍ରୁଟିପୂର୍ଣ୍ଣ ଥିବା ଭୋଟରମାନେ ନିର୍ଦ୍ଧାରିତ ଫର୍ମରେ ପୁଣି ଦରଖାସ୍ତ କରିପାରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଜଣାଇଛନ୍ତି ।

## ଏ.ଆଇ. ସମ୍ମିଟ୍ - ରିଆକ୍ସନ

ନୂଆଦିଲ୍ଲୀରେ ଅନୁଷ୍ଠିତ ଇଣ୍ଡିଆ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀ ଏବଂ ପ୍ରଦର୍ଶନୀ' ନୀତି ନିର୍ଦ୍ଧାରକ, ଶିଳ୍ପ ନେତୃତ୍ୱ, ନବସୃଜନକାରୀ ଏବଂ ଷ୍ଟାର୍ଟଅପ୍ ପାଇଁ ଏଆଇ ପରିଚାଳିତ ସମାଧାନର ଏକ ମଞ୍ଚ ପ୍ରଦାନ କରିଥିଲା। ସମ୍ମିଳନୀରେ ୫୦୦ରୁ ଅଧିକ ଏଆଇ ନେତା, ଶହେରୁ ଅଧିକ ପ୍ରତିଷ୍ଠାତା ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ୧୫୦ ଶିକ୍ଷାବିତ୍ ଏବଂ ଗବେଷକ ଓ ୪୦୦ ମୁଖ୍ୟ ବୈଷୟିକ ଅଧିକାରୀ ଅଂଶଗ୍ରହଣ କରିଥିଲେ। ସମ୍ମିଳନୀ ଏବଂ ପ୍ରଦର୍ଶନୀରେ ପାଞ୍ଚ ଲକ୍ଷରୁ ଅଧିକ ପରିଦର୍ଶକ ଆସିଥିଲେ।

ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଅଧୀନରେ ଏଥିରେ ଯୋଗ ଦେଇଥିବା ଜଣେ ପ୍ରଦର୍ଶକ ଆକାଶବାଣୀ ସମ୍ବାଦ ବିଭାଗକୁ

କହିଛନ୍ତି, ଭାରତ ଏ.ଆଇ. ଇମ୍ପ୍ୟାକ୍ଟ ସମ୍ମିଳନୀ ମୂଲ୍ୟବାନ ଶିକ୍ଷଣ ଏବଂ ନେଟୱାର୍କିଂ ସୁଯୋଗ ପ୍ରଦାନ କରିଛି। ସେ କହିଛନ୍ତି, ଆଗାମୀ ବର୍ଷଗୁଡ଼ିକରେ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟାରେ ଏଆଇକୁ ଉପଯୋଗ କରିବାରେ ଭାରତରେ ଅପାର ସମ୍ଭାବନା ରହିଛି।

## ଭି.ପି. - ବୁକ୍ ରିଲିଜ୍

ଉପରାଷ୍ଟ୍ରପତି ସି ପି ରାଧାକୃଷ୍ଣନ୍ ଗତକାଲି ନୂଆଦିଲ୍ଲୀରେ 'ଅଟଳ ବିହାରୀ ବାଜପେୟୀ : ଦି ଇଟର୍ନାଲ୍ ଷ୍ଟେଟସମ୍ୟାନ୍' ନାମକ କଫି ଟେବୁଲ୍ ପୁସ୍ତକ ଉନ୍ମୋଚନ କରିଛନ୍ତି। ଉପରାଷ୍ଟ୍ରପତି କହିଛନ୍ତି, ଏହି ପୁସ୍ତକ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି। ସେ କହିଛନ୍ତି, ଏହି ପ୍ରକାଶନ କେବଳ ଫଟୋଚିତ୍ରର ଏକ ସଂଗ୍ରହ ନୁହେଁ, ବରଂ ଭାରତର ଜଣେ ଉଚ୍ଚମାନର ନେତାଙ୍କ ସ୍ମୃତି, ଯାହାଙ୍କ ଜୀବନ ଏବଂ ଐତିହ୍ୟ ଦେଶକୁ ପ୍ରେରଣା ଦେଇଆସୁଛି। ଶ୍ରୀ ବାଜପେୟୀଙ୍କ ସହ ତାଙ୍କର ବ୍ୟକ୍ତିଗତ ସମ୍ପର୍କକୁ ମନେ ପକାଇ ଶ୍ରୀ ରାଧାକୃଷ୍ଣନ୍ କହିଥିଲେ, ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ତାଙ୍କୁ ଲୋକସଭା ସଦସ୍ୟ ଭାବରେ ସେବା କରିବାର ସୌଭାଗ୍ୟ ମିଳିଥିଲା। ଉପରାଷ୍ଟ୍ରପତି କହିଥିଲେ, ସାଂସଦରୁ ପ୍ରଧାନମନ୍ତ୍ରୀ ପର୍ଯ୍ୟନ୍ତ ବାଜପେୟୀଙ୍କ ଯାତ୍ରା ଭାରତୀୟ ଗଣତାନ୍ତ୍ରିକ ଶକ୍ତିକୁ ପ୍ରତିଫଳିତ କରିଥାଏ ।

## ଇଣ୍ଟିଗ୍ରେଟେଡ୍ ଟର୍ମିନାଲ୍ - ଗୁଆହାଟୀ

ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଘୋଷଣା କରିଛନ୍ତି, ଗୁଆହାଟୀର ଲୋକପ୍ରିୟ ଗୋପୀନାଥ ବୋର୍ଡୋଲୋଇ ଅନ୍ତର୍ଜାତୀୟ ବିମାନବନ୍ଦରରେ ନୂତନ ସମନ୍ୱିତ ଟର୍ମିନାଲ ଆଜିଠାରୁ ବାଣିଜ୍ୟିକ ସେବା ଆରମ୍ଭ କରିବ । ସାମାଜିକ ଗଣମାଧ୍ୟମରେରେ ଶ୍ରୀ ଶର୍ମା କହିଛନ୍ତି, ଟର୍ମିନାଲଟି ଉତ୍ତର-ପୂର୍ବ ଅଞ୍ଚଳର ପ୍ରମୁଖ ପ୍ରବେଶ ଦ୍ୱାର ଭାବରେ ଆସାମର ବର୍ଦ୍ଧିତ ଭୂମିକାକୁ ପ୍ରତିଫଳିତ କରୁଛି ।

ସୂଚନା ଅନୁଯାୟୀ ନୂତନ ଟର୍ମିନାଲରେସମସ୍ତ ଆଧୁନିକ ସୁବିଧା ଓ ବ୍ୟବସ୍ଥା ରହିଛି । ବିମାନ ଯାତାୟାତ ବୃଦ୍ଧିକୁ ଦୃଷ୍ଟିରେ ରଖି ସମନ୍ୱିତ ଟର୍ମିନାଲ ଯାତ୍ରୀ ପରିଚାଳନା କ୍ଷମତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବା ସହ ସାମଗ୍ରିକ ପରିଚାଳନାରେ ଉନ୍ନତି ଆଣିବ ବୋଲି ଆଶା କରାଯାଉଛି ।

## କୋର୍ଟ - ଅଭିମୁକ୍ତେଶ୍ୱରାନନ୍ଦ

ଉତ୍ତର ପ୍ରଦେଶର ପ୍ରୟାଗରାଜସ୍ଥିତ ଏକ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ' ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀଙ୍କ ବିରୋଧରେ ବାଳକମାନଙ୍କୁ ଯୌନ ନିର୍ଯାତନା ଦେବାର ଅଭିଯୋଗ ତଦନ୍ତ କରିବା ଲାଗି ଝୁନ୍‌ସି ଥାନାର

ଏସ୍.ଏଚ୍.ଓ.ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗତ ସପ୍ତାହରେ ସ୍ୱତନ୍ତ୍ର ବିଚାରପତି ବିନୋଦ କୁମାର ଚୌରାସିଆ' ଆଶ୍ରମର ବିଦ୍ୟାମଠରେ ବାଳକମାନଙ୍କୁ ନିର୍ଯାତନା ଦିଆଯାଉଥିବା ସମ୍ପର୍କିତ ବୟାନ ରେକର୍ଡ଼ କରିବା ପରେ ନିଷ୍ପତ୍ତି ସଂରକ୍ଷିତ ରଖିଥିଲେ । ଆବେଦନକାରୀ ପୋକ୍‌ସୋ ଆଇନର ବିଭିନ୍ନ ଧାରା ଅନୁଯାୟୀ ଅଭିମୁକ୍ତେଶ୍ୱରାନନ୍ଦଙ୍କ ବିରୋଧରେ ଏତଲା ଦାଏରପାଇଁ ନିର୍ଦ୍ଦେଶ ଦେବାକୁ କୋର୍ଟରେ ଆବେଦନ କରିଥିଲେ । କୋର୍ଟ ଆବେଦନକୁ ଗ୍ରହଣ କରି ତଦନ୍ତ ଲାଗି ପୋଲିସ୍‌କୁ ନିର୍ଦ୍ଦେଶ ଦେଇଛନ୍ତି ।

## କ୍ରିକେଟ୍ ଟି-୨୦ ଡବ୍ଲ୍ୟୁ.ସି.

ଆଇ.ସି.ସି. ଟି-ଟ୍ୱେଣ୍ଟି କ୍ରିକେଟ ବିଶ୍ୱକପ୍ ୨୦୨୬ ରେ, ଭାରତ ଆଜି ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ସୁପର ୮ ଅଭିଯାନ ଆରମ୍ଭ କରିବ। ମ୍ୟାଚ୍ ସନ୍ଧ୍ୟା ୭ ଟାରେ ଆରମ୍ଭ ହେବ। ଭାରତ ସମସ୍ତ ଚାରୋଟି ମ୍ୟାଚ୍ ଜିତିବା ପରେ ଗ୍ରୁପ୍ ସ୍ତରର ଶୀର୍ଷରେ ରହିଥିଲା।

ସୁପର ୮ ପର୍ଯ୍ୟାୟରେ, ପ୍ରଥମ ଗ୍ରୁପ୍‌ରେ ଭାରତ, ଜିମ୍ବାୱେ, ୱେଷ୍ଟଇଣ୍ଡିଜ୍ ଏବଂ ଦକ୍ଷିଣ ଆଫ୍ରିକା ଥିବାବେଳେ ଦ୍ୱିତୀୟ ଗ୍ରୁପରେ ପାକିସ୍ତାନ, ଶ୍ରୀଲଙ୍କା, ଇଂଲଣ୍ଡ ଏବଂ ନ୍ୟୁଜିଲ୍ୟାଣ୍ଡ ଅଛନ୍ତି। ପ୍ରତ୍ୟେକ ଦଳ ନିଜ ଗ୍ରୁପ୍

ମଧ୍ୟରେ ତିନୋଟି ମ୍ୟାଚ୍ ଖେଳିବେ ଏବଂ ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ଦୁଇଟି ଦଳ ସେମିଫାଇନାଲ୍‌କୁ ଯିବେ । ସମସ୍ତ ଦଳ ସୁପର ୮ ପର୍ଯ୍ୟାୟ ଶୂନ୍ୟ ପଏଣ୍ଟ ସହିତ ଆରମ୍ଭ କରିବେ, ଏବଂ ପୂର୍ବ ପର୍ଯ୍ୟାୟର ନେଟ୍ ରନ୍ ରେଟ୍ ଆଗକୁ ବଢ଼ିବ ନାହିଁ।

ଗତକାଲି କଲମ୍ବୋରେ ପ୍ରବଳ ବର୍ଷା ଯୋଗୁଁ ନ୍ୟୁଜିଲାଣ୍ଡ ଏବଂ ପାକିସ୍ତାନ ମଧ୍ୟରେ ପ୍ରଥମ ସୁପର ୮ ମ୍ୟାଚକୁ ବାତିଲ କରାଯାଇଛି । ଫଳରେ ଉଭୟ ଦଳ ଗୋଟିଏ ଲେଖାଏଁ ପଏଣ୍ଟ ପାଇଛନ୍ତି ।

*****